ବିପିନ ବିହାରି

ବନାମ

ଏମ୍.ପି. ରାଜ୍ୟ

20 ସେପ୍ଟେମ୍ବର, 2006

[ଅରିଜିତ ପଶାୟତ ଏବଂ ଲୋକେଶ୍ୱର ସିଂ ପନ୍ତ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦଣ୍ଡ ସଂହିତା, 1860; ଧାରା 307:*

*ଅଭିଯୋଗକାରୀଙ୍କ ଭାଉଜଙ୍କୁ ଫସଲ କାଟିବାକୁ ଅଭିଯୁକ୍ତ ବାରଣ କରନ୍ତି -ଅଭିଯୋଗକାରୀ ହସ୍ତକ୍ଷେପ କଲେ -ଅଭିଯୁକ୍ତ ବନ୍ଧୁକରୁ ଗୁଳି ଚଳାଇ ଅଭିଯୋଗକାରୀଙ୍କୁ ଆହତ କରିଥିଲା -ବିଚାରଣ ନ୍ୟାୟାଳୟ ଅଭିଯୁକ୍ତଙ୍କୁ ଧାରା 307 ଅନୁଯାୟୀ ଅପରାଧରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ଏବଂ ଜୋରିମାନା ମଧ୍ୟ କରିଥିଲେ -ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦଣ୍ଡାଦେଶକୁ ହ୍ରାସ କରି ଦଣ୍ଡାଦେଶକୁ ନିଶ୍ଚିତ କରାଯାଇଥିଲା, କିନ୍ତୁ ଜୋରିମାନାକୁ 30,000/- ଟଙ୍କାକୁ ବୃଦ୍ଧି କରାଯାଇଥିଲା -ଅପିଲ ଉପରେ ନିର୍ଣ୍ଣୟ ହେଲା:ଧାରା 307 ଅନୁଯାୟୀ ଦଣ୍ଡବିଧାନ ପାଇଁ, ମୃତ୍ୟୁ ଘଟାଇବାରେ ସକ୍ଷମ ଶାରୀରିକ ଆଘାତ ଦେବା ଜରୁରୀ ନୁହେଁ -ଅପରାଧ କରିବାର ଉଦ୍ଦେଶ୍ୟ ଏବଂ ଏହାର କାର୍ଯ୍ୟକାରିତାରେ କିଛି ଖୋଲାଖୋଲି କାର୍ଯ୍ୟ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ -ଆଘାତର ପ୍ରକୃତି ଏବଂ ଅନ୍ୟାନ୍ୟ ସହାୟକ ପରିସ୍ଥିତିରୁ ଉଦ୍ଦେଶ୍ୟ ଜଣାଯାଇପାରିବ - ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଅଭିଯୁକ୍ତଙ୍କ ଦ୍ୱାରା କରାଯାଇଥିବା ଆଘାତର ପ୍ରକୃତିକୁ ବିଚାରକୁ ନେଇ ଦୁଇ ବର୍ଷର ହାଜତ ଦଣ୍ଡକୁ କଠୋର ବୋଲି କୁହାଯାଇପାରିବ ନାହିଁ -ତଥାପି, ଲାଗୁ ହୋଇଥିବା ଜୋରିମାନା ଅଧିକ ଥିବା ପରି ମନେହୁଏ, ତେଣୁ ଦଣ୍ଡକୁ 15,000/- ଟଙ୍କାକୁ ହ୍ରାସ କରାଯାଇଛି ।*

**ସେହି ଦୁର୍ଭାଗ୍ୟଜନକ ଦିନ, ଅଭିଯୋଗକାରୀ ତାଙ୍କ ବଳଦଙ୍କୁ କ୍ଷେତରେ ଚରାଉଥିଲେ ଏବଂ ତାଙ୍କ ଭାଉଜ ଫସଲ କାଟୁଥିଲେ । ସାହାଯ୍ୟ ପାଇଁ ତାଙ୍କ ଚିତ୍କାର ଶୁଣି, ଅଭିଯୋଗକାରୀ ତାଙ୍କ ପାଖକୁ ଧାଇଁ ଆସିଲେ ଏବଂ ଦେଖିଲେ ଯେ ଅଭିଯୁକ୍ତ/ଅପିଲକାରୀ ତାଙ୍କ ଭାଉଜଙ୍କୁ ଫସଲ କାଟିବାକୁ ବାରଣ କରୁଥିଲେ ଏବଂ ସେ ଏକ ବନ୍ଧୁକ ଧରିଥିଲେ । ଯେତେବେଳେ ଅଭିଯୋଗକାରୀ ହସ୍ତକ୍ଷେପ କଲେ, ଅଭିଯୁକ୍ତ ତାଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ । ଏହା ପରେ ସେ ବନ୍ଧୁକରୁ ଗୁଳି ଚଳାଇ ଅଭିଯୋଗକାରୀଙ୍କୁ ଆହତ କରିଥିଲେ । ଏହି ସମୟରେ କିଛି ଲୋକ ସେଠାରେ ପହଞ୍ଚିଥିଲେ ।ସେମାନଙ୍କୁ ଦେଖି ଅଭିଯୁକ୍ତ ସେଠାରୁ ପଳାୟନ କରିଥିଲେ ।**

**ଆହତ ଅଭିଯୋଗକାରୀ/ପୀଡିତା ଥାନାରେ ଏହି ଘଟଣା ବିଷୟରେ ସୂଚନା ଦେଇଥିଲେ । ତଦନ୍ତ ଶେଷ କରିବା ପରେ ପୋଲିସ ନ୍ୟାୟାଳୟରେ ଆରୋପ ପତ୍ର ଦାଖଲ କରିଥିଲେ । ବିଚାରଣ ନ୍ୟାୟାଳୟ**

**ଅଭିଯୁକ୍ତକୁ ଆଇପିସି ର ଧାରା 307 ଅନୁଯାୟୀ ଅପରାଧ ଘଟାଇଥିବା ପାଇଥିଲେ ଏବଂ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଅପିଲରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦଣ୍ଡାଦେଶକୁ ନିଶ୍ଚିତ କରାଯାଇଥିଲା କିନ୍ତୁ ଦଣ୍ଡାଦେଶକୁ ଦୁଇ ବର୍ଷକୁ ହ୍ରାସ କରାଯାଇଥିଲା ଏବଂ ଜୋରିମାନା 30,000/- ଟଙ୍କାକୁ ବୃଦ୍ଧି କରାଯାଇଥିଲା । ତେଣୁ ବର୍ତ୍ତମାନର ଏହି ଅପିଲ ।**

**ଅପିଲକାରୀ ଯୁକ୍ତି ଦର୍ଶାଇଥିଲେ ଯେ ଉଚ୍ଚ ନ୍ୟାୟାଳୟ, ଆଇ.ପି.ସି. ର ଧାରା 307 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେବା ଆବଶ୍ୟକ ବୋଲି କହି ଯୁକ୍ତିସଙ୍ଗତ ନଥିଲେ; ଏବଂ ଧାର୍ଯ୍ୟ କରାଯାଇଥିବା ଜୋରିମାନା ଅତ୍ୟଧିକ ଏବଂ ଅନୁଚିତ ଅଟେ ।**

**ଅପିଲକୁ ଫଇସଲା କରି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ; 1.1. ଧାରା 307 ଅନୁଯାୟୀ ଏକ ଦଣ୍ଡବିଧାନକୁ ଯଥାର୍ଥ ସାବ୍ୟସ୍ତ କରିବା ପାଇଁ ଏହା ଯଥେଷ୍ଟ ଯଦି ଏହାର କାର୍ଯ୍ୟକାରିତାରେ କିଛି ସ୍ପଷ୍ଟ କାର୍ଯ୍ୟ ସହିତ ଏକ ଉଦ୍ଦେଶ୍ୟ ଜଡ଼ିତ ଥାଏ । ଏହା ଜରୁରୀ ନୁହେଁ ଯେ ମୃତ୍ୟୁ ଘଟାଇବାରେ ସକ୍ଷମ ଥିବା ଶାରୀରିକ ଆଘାତ ଦେବା ଉଚିତ୍ । ଯଦିଓ ପ୍ରକୃତରେ ହୋଇଥିବା ଆଘାତର ପ୍ରକୃତି ପ୍ରାୟତଃ ଅଭିଯୁକ୍ତଙ୍କ ଉଦ୍ଦେଶ୍ୟ ବିଷୟରେ ସିଦ୍ଧାନ୍ତ ନେବାରେ ଯଥେଷ୍ଟ ସହାୟତା ଦେଇପାରେ, ଏପରି ଉଦ୍ଦେଶ୍ୟ ଅନ୍ୟ ପରିସ୍ଥିତିରୁ ମଧ୍ୟ ଅନୁମାନ କରାଯାଇପାରେ, ଏବଂ କିଛି କ୍ଷେତ୍ରରେ, ପ୍ରକୃତ ଆଘାତର କୌଣସି ଉଲ୍ଲେଖ ବିନା ମଧ୍ୟ ନିର୍ଣ୍ଣୟ କରାଯାଇପାରେ । ଏହି ଧାରାଗୁଡ଼ିକ ଅଭିଯୁକ୍ତଙ୍କ କାର୍ଯ୍ୟ ଏବଂ ତାହାର ଫଳାଫଳ, ଯଦି କୌଣସି ଥାଏ, ମଧ୍ୟରେ ପାର୍ଥକ୍ୟ ଦର୍ଶାଏ । ନ୍ୟାୟାଳୟଙ୍କୁ ଦେଖିବାକୁ ହେବ ଯେ କାର୍ଯ୍ୟଟି, ଏହାର ଫଳାଫଳ ଯାହା ହେଉନା କାହିଁକି, ଉଦ୍ଦେଶ୍ୟ କିମ୍ବା ଜ୍ଞାନ ସହିତ ଏବଂ ଧାରାରେ ଉଲ୍ଲେଖିତ ପରିସ୍ଥିତିରେ କରାଯାଇଥିଲା କି ନାହିଁ । ଅପରାଧୀ ହେବାର ପ୍ରୟାସ ଶେଷ କାର୍ଯ୍ୟ ହେବା ଆବଶ୍ୟକ ନୁହେଁ ।**

*ସର୍ଜୁ ପ୍ରସାଦ ବନାମ ବିହାର ରାଜ୍ୟ,* **AIR (1965) SC 843;** *ମହାରାଷ୍ଟ୍ର ରାଜ୍ୟ ବନାମ ବଳରାମ ବାମା ପାଟିଲ ଏବଂ ଅନ୍ୟମାନେ,* **[1983] 2 SCC 28;** *ଗିରିଜା ଶଙ୍କର ବନାମ ୟୁ.ପି. ରାଜ୍ୟ,* **JT (2004) 2 SC 140;** *ବସନ୍ତ ବିଠୁ ଯାଦବ ବନାମ ମହାରାଷ୍ଟ୍ର ରାଜ୍ୟ,* **(2004) AIR SCW 1523 ଏବଂ** *ବାପ୍ପା @ ବାପୁ ବନାମ ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟଜଣେ,* **[2004] 6 SCC 485 ଉପରେ ନିର୍ଭର କରିଥିଲେ ।**

1.2. ପୀଡ଼ିତାଙ୍କ ଉପରେ ଅଭିଯୁକ୍ତଙ୍କ ଦ୍ୱାରା ହୋଇଥିବା ଆଘାତର ପ୍ରକୃତିକୁ ବିଚାରକୁ ନେଇ କାରାବାସକୁ କଠୋର ବୋଲି କୁହାଯାଇପାରିବ ନାହିଁ । ତେବେ, ଏହି ଜୋରିମାନା ଅଧିକ ଥିବା ଜଣାପଡୁଛି । ସେହି ସମାନ ପରିମାଣକୁ 15, 000/- ଟଙ୍କାକୁ ହ୍ରାସ କରିଦିଆଯାଇଛି ।

ଫୌଜଦାରୀ ଅପିଲିୟ ଅଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 986/2006 ।

ଫୌଜଦାରୀ ଅପିଲ ସଂଖ୍ୟା 879/2004 ରେ ଜବଲପୁରସ୍ଥିତ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର 3.12.2004 ତାରିଖର ଚୂଡ଼ାନ୍ତ ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ରମେଶ ଚନ୍ଦ୍ର ପାଣ୍ଡେ ।

ଉତ୍ତରଦାତାଙ୍କ ପାଇଁ ଡ. ଏନ୍.ଏମ୍. ଘାଟଟେ ଏବଂ ସି.ଡି. ସିଂହ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ** । ଅନୁମତି ପ୍ରଦାନ କରାଗଲା ।

ଏହି ଅପିଲରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟ, ଜବଲପୁର ଖଣ୍ଡପୀଠର ଏକ ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟକୁ ଆପତ୍ତି କରାଯାଇଛି, ଯାହା ବିଚାରଣ ନ୍ୟାୟାଳୟ ଦ୍ୱାରା କରାଯାଇଥିବା ଭାରତୀୟ ଦଣ୍ଡ ସଂହିତା, 1860 (ସଂକ୍ଷେପରେ 'ଆଇପିସି') ର ଧାରା 307 ଅନୁଯାୟୀ ଅପିଲକାରୀଙ୍କ ଦୋଷୀ ସାବ୍ୟସ୍ତକୁ ନିଶ୍ଚିତ କରିଛି । ତେବେ ଆଜୀବନ କାରାଦଣ୍ଡର ହାଜତ ଦଣ୍ଡକୁ ହ୍ରାସ କରାଯାଇଥିଲା, ଜୋରିମାନାର ପରିମାଣ 5,000/- ରୁ Rs.30,000/- କୁ ବୃଦ୍ଧି କରାଯାଇଥିଲା ଏବଂ ଏହାର ଖିଲାପରେ ଦଣ୍ଡାଦେଶ ଧାର୍ଯ୍ୟ କରାଯାଇଥିଲା । ଦୁଇ ବର୍ଷର ହାଜତ ଦଣ୍ଡାଦେଶ ପ୍ରଦାନ କରାଯାଇଥିଲା । ଏହା କୁହାଯାଇଥିଲା ଯେ ଯଦି ଚାରି ମାସ ମଧ୍ୟରେ ଜୋରିମାନା ପ୍ରଦାନ କରାଯାଇନଥାଏ, ତେବେ ଅଭିଯୁକ୍ତକୁ ଆହୁରି ଚାରି ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ । ଜୋରିମାନା ରାଶି ଜମା ପରେ ପୀଡ଼ିତଙ୍କୁ କ୍ଷତିପୂରଣ ଭାବରେ ପ୍ରଦାନ କରାଯିବାର ଥିଲା । ସଂକ୍ଷେପରେ ଏହାର ବାସ୍ତବ ପୃଷ୍ଠଭୂମି ନିମ୍ନରେ ଦିଆଗଲା;

ଅଭିଯୋଗକାରୀ ମହାବଳୀ 18.11.2002 ତାରିଖ ସନ୍ଧ୍ୟା ପ୍ରାୟ 5ଟା ବେଳେ ତାଙ୍କ କ୍ଷେତରେ ତାଙ୍କ ବଳଦକୁ ଚରାଉଥିଲେ । ତାଙ୍କ ଭାଉଜ ଜମୁନୀ ବାଇ ଫସଲ କାଟିବାକୁ ଯାଉଥିଲେ । ସାହାଯ୍ୟ ପାଇଁ ତାଙ୍କ ଚିତ୍କାର ଶୁଣି, ଅଭିଯୋଗକାରୀ ତାଙ୍କ ପାଖକୁ ଧାଇଁ ଯାଇଥିଲେ ଏବଂ ଜାଣିବାକୁ ପାଇଲେ ଯେ ଅପିଲକାରୀ ତାଙ୍କ ସହ ଯୁକ୍ତିତର୍କ କରୁଥିଲେ । ସେ ଜାଣିବାକୁ ପାଇଲେ ଯେ ଅପିଲକାରୀ ଏକ ବନ୍ଧୁକ ଧରିଥିଲେ ଏବଂ ତାଙ୍କ ଭାଉଜଙ୍କୁ ଫସଲ କାଟିବାକୁ ବାରଣ କରୁଥିଲେ । ଅଭିଯୋଗକାରୀଙ୍କୁ ଦେଖି ଅପିଲକାରୀ ବନ୍ଧୁକ ଦେଖାଇ ଭୟ ଦେଖାଇଲେ ଏବଂ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଲେ । ଧମକ ସତ୍ତ୍ୱେ, ଅଭିଯୋଗକାରୀ ଅପିଲକାରୀଙ୍କ ବନ୍ଧୁକକୁ ଧରିଥିଲେ ଯାହାର ଫଳସ୍ୱରୂପ ଅପିଲକାରୀ ଗାଳିଗୁଲଜ କରିଥିଲେ ଏବଂ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ । ଏହା ପରେ ଅଭିଯୁକ୍ତ ବନ୍ଧୁକରୁ ଗୁଳି ଚଳାଇଥିଲା ଏବଂ ଗୁଳିଟି ଅଭିଯୋଗକାରୀଙ୍କ ଡାହାଣ ଗୋଡ଼ର ପୁଟିଆରେ ବାଜିଥିଲା, ଯାହାର ଫଳସ୍ୱରୂପ ସେହି ଅଞ୍ଚଳର ମାଂସ ଛିଣ୍ଡି ଯାଇଥିଲା । ଉପରୋକ୍ତ ଆଘାତ ସତ୍ତ୍ୱେ ଅଭିଯୋଗକାରୀ ପୁଣି ଥରେ ବନ୍ଧୁକ ଭରିବାକୁ ଚାହୁଁଥିବାରୁ ସେ ଅପିଲକାରୀଙ୍କ ସହ ସଂଘର୍ଷ ଜାରି ରଖିଥିଲେ । କିନ୍ତୁ ସେ ବିଫଳ ହୋଇଥିଲେ କାରଣ ଅଭିଯୋଗକାରୀ ତାଙ୍କ

ସହ ସଂଘର୍ଷ କରୁଥିଲେ । ସେହି ସମୟରେ ଲବ କୁଶ, ରାମ କୃପାଳ ଏବଂ ମୋତିଲାଲ ସେଠାରେ ପହଞ୍ଚିଥିଲେ । ଏହି ବ୍ୟକ୍ତିମାନଙ୍କୁ ଦେଖି ଅପିଲକାରୀ ସେଠାରୁ ପଳାଇ ଯାଇଥିଲେ ଏବଂ ବନ୍ଧୁକଟି ସେହି ସ୍ଥାନରେ ଛାଡ଼ି ଦେଇଥିଲେ । ଏହି ଘଟଣାର ସାକ୍ଷୀ ଥିଲେ ଅଭିଯୋଗକାରୀଙ୍କ ଭାଉଜ, ଯିଏ ସାକ୍ଷ୍ୟ ଦେଇଥିଲେ ଯେ ଅପିଲକାରୀ ଧମକପୂର୍ଣ୍ଣ ମନ୍ତବ୍ୟ ଦେଉଥିଲେ । ଆହତ ଅଭିଯୋଗକାରୀ ମହାବଳୀ, ଥାନାରେ ଏହି ଘଟଣା ବିଷୟରେ ସୂଚନା ଦେଇଥିଲେ । ଅଭିଯୋଗକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏଫ୍.ଆଇ.ଆର୍. ଆଧାରରେ ଫୌଜଦାରୀ ଆଇନର କାର୍ଯ୍ୟକାରିତା ଆରମ୍ଭ ହୋଇଥିଲା । ତଦନ୍ତକାରୀ ସଂସ୍ଥା ଅଭିଯୋଗକାରୀଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଇଥିଲେ; ସାକ୍ଷୀଙ୍କ ବୟାନ ଲିପିବଦ୍ଧ କରିଥିଲେ; ଘଟଣାସ୍ଥଳ ନକ୍ସା ପ୍ରସ୍ତୁତ କରିଥିଲେ; ଆବଶ୍ୟକ ସାମଗ୍ରୀ ଜବତ କରିଥିଲେ ଏବଂ ତଦନ୍ତ ଶେଷ ହେବା ପରେ ସମ୍ପୃକ୍ତ ନ୍ୟାୟାଳୟରେ ଆରୋପ ପତ୍ର ଦାଖଲ କରିଥିଲେ, ଯେଉଁଠାରୁ ବିଚାରଣ ନ୍ୟାୟାଳୟ ଏହାକୁ ବିଚାର ପାଇଁ ଗ୍ରହଣ କରିଥିଲେ ।

ଆଇପିସିର ଧାରା 307 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ବିଦ୍ୱାନ ବିଚାରଣ ବିଚାରପତି ଅଭିଯୋଗ ଗଠନ କରିଥିଲେ । ଅପିଲକାରୀ ଅଭିଯୋଗକୁ ଅସ୍ୱୀକାର କରିଥିଲେ ଏବଂ ବିଚାର ପାଇଁ ଅନୁରୋଧ କରିଥିଲେ । ଅଭିଯୋଜନ ପକ୍ଷ 12 ଜଣ ସାକ୍ଷୀଙ୍କୁ ଯାଞ୍ଚ କରିଥିଲେ ଏବଂ ପ୍ରଦର୍ଶ P-1 ରୁ P-19 ଦସ୍ତାବିଜ ନଥିରେ ରଖିଥିଲେ । ଉପରେ ଉଲ୍ଲେଖ କରାଯାଇଥିବା ପରି, ବିଚାରଣ ନ୍ୟାୟାଳୟ ଅଭିଯୁକ୍ତକୁ ଦୋଷୀ ପାଇଥିଲେ, ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଦଣ୍ଡାଦେଶ ଦେଇଥିଲେ ।ଅପିଲ ଉପରେ ଉଚ୍ଚ ନ୍ୟାୟାଳୟ, ଯେପରି ଉପରେ ଉଲ୍ଲେଖ କରାଯାଇଛି, ଦଣ୍ଡାଦେଶକୁ ବଜାୟ ରଖିଥିଲେ, କିନ୍ତୁ ଦଣ୍ଡାଦେଶରେ ପରିବର୍ତ୍ତନ କରିଥିଲେ ।

ଅପିଲର ସମର୍ଥନରେ, ଅଭିଯୁକ୍ତ ଅପିଲକାରୀଙ୍କ ଓକିଲ ଦର୍ଶାଇଥିଲେ ଯେ ଆଇ.ପି.ସି. ର ଧାରା 307 ଅନୁଯାୟୀ ଦଣ୍ଡାଦେଶ ହେବ ବୋଲି ନିର୍ଣ୍ଣୟ କରି ଉଚ୍ଚ ନ୍ୟାୟାଳୟଙ୍କ ଯୁକ୍ତିସଂଗତ ନଥିଲେ । ଲାଗୁ କରାଯାଇଥିବା ଜୋରିମାନା କଠୋର ଏବଂ ଅନୁଚିତ ଅଟେ ।

ଏହାର ଉତ୍ତରରେ, ଉତ୍ତରଦାତା-ରାଜ୍ୟ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟର ରାୟରେ କୌଣସି ତ୍ରୁଟି ନାହିଁ, ଯାହା ହସ୍ତକ୍ଷେପକୁ ସମର୍ଥନ କରିପାରେ ।

ଆଇ.ପି.ସି. ର ଧାରା 307 ନିମ୍ନରେ ଦିଆଗଲା:

> "ହତ୍ୟା ଉଦ୍ୟମ -ଯେକେହି ଏପରି ଉଦ୍ଦେଶ୍ୟ କିମ୍ବା ଜ୍ଞାନ ସହିତ କୌଣସି କାର୍ଯ୍ୟ କରେ, ଏବଂ ଏପରି ପରିସ୍ଥିତିରେ ଯେ, ଯଦି ସେ ସେହି କାର୍ଯ୍ୟ ଦ୍ୱାରା ମୃତ୍ୟୁ ଘଟାଇଥାଏ, ତେବେ ସେ ହତ୍ୟା ପାଇଁ ଦୋଷୀ ହେବେ, ତେବେ ତାଙ୍କୁ ଦଶ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରୁଥିବା ଯେକୌଣସି ପ୍ରକାରର କାରାଦଣ୍ଡରେ ଦଣ୍ଡିତ କରାଯିବ, ଏବଂ ଜୋରିମାନା ପାଇଁ ମଧ୍ୟ ଦାୟୀ ହେବ; ଏବଂ ଯଦି ଏପରି

କାର୍ଯ୍ୟ ଦ୍ୱାରା କୌଣସି ବ୍ୟକ୍ତିଙ୍କୁ ଆଘାତ କରାଯାଏ, ତେବେ ଅପରାଧୀ ଆଜୀବନ କାରାଦଣ୍ଡରେ କିମ୍ବା ପୂର୍ବରୁ ଉଲ୍ଲେଖ କରାଯାଇଥିବା ଦଣ୍ଡରେ ଦଣ୍ଡିତ ହେବେ ।"

ଧାରା 307 ଅନୁଯାୟୀ ଏକ ଦଣ୍ଡବିଧାନକୁ ଯଥାର୍ଥ ସାବ୍ୟସ୍ତ କରିବା ପାଇଁ ଏହା ଯଥେଷ୍ଟ ଯଦି ଏହାର କାର୍ଯ୍ୟକାରିତାରେ କିଛି ସ୍ୱଷ୍ଟ କାର୍ଯ୍ୟ ସହିତ ଏକ ଉଦ୍ଦେଶ୍ୟ ଥାଏ । ଏହା ଜରୁରୀ ନୁହେଁ ଯେ ମୃତ୍ୟୁ ଘଟାଇବାରେ ସକ୍ଷମ ଥିବା ଶାରୀରିକ ଆଘାତ ହୋଇଥିବା ଉଚିତ୍ । ଯଦିଓ ପ୍ରକୃତରେ ହୋଇଥିବା ଆଘାତର ପ୍ରକୃତି ପ୍ରାୟତଃ ଅଭିଯୁକ୍ତଙ୍କ ଉଦ୍ଦେଶ୍ୟ ବିଷୟରେ ସିଦ୍ଧାନ୍ତ ନେବାରେ ଯଥେଷ୍ଟ ସହାୟତା ଦେଇପାରେ, ଏପରି ଉଦ୍ଦେଶ୍ୟ ଅନ୍ୟ ପରିସ୍ଥିତିରୁ ମଧ୍ୟ ଅନୁମାନ କରାଯାଇପାରେ, ଏବଂ କିଛି କ୍ଷେତ୍ରରେ, ପ୍ରକୃତ ଆଘାତର କୌଣସି ଉଲ୍ଲେଖ ବିନା ମଧ୍ୟ ନିର୍ଣ୍ଣୟ କରାଯାଇପାରେ । ଏହି ଧାରାଗୁଡ଼ିକ ଅଭିଯୁକ୍ତଙ୍କ କାର୍ଯ୍ୟ ଏବଂ ଏହାର ଫଳାଫଳ, ଯଦି କିଛି ଥାଏ, ମଧ୍ୟରେ ପାର୍ଥକ୍ୟ ଦର୍ଶାଏ ।ନ୍ୟାୟାଳୟକୁ ଦେଖିବାକୁ ପଡିବ ଯେ କାର୍ଯ୍ୟଟି, ଏହାର ଫଳାଫଳ ଯାହା ହେଉନା କାହିଁକି, ଉଦ୍ଦେଶ୍ୟ କିମ୍ବା ଜ୍ଞାନ ସହିତ ଏବଂ ଧାରାରେ ଉଲ୍ଲେଖିତ ପରିସ୍ଥିତିରେ କରାଯାଇଥିଲା କି ନାହିଁ । ଅପରାଧୀ ହେବାର ପ୍ରୟାସ ଶେଷର ପୂର୍ବ କାର୍ଯ୍ୟ ହେବା ଆବଶ୍ୟକ ନୁହେଁ । ଆଇନରେ ଏହା ଯଥେଷ୍ଟ, ଯଦି ଏହାର କାର୍ଯ୍ୟକାରିତାରେ କୌଣସି ଉଦ୍ଦେଶ୍ୟ ସହିତ କିଛି ଖୋଲାଖୋଲି କାର୍ଯ୍ୟ ଥାଏ ।

*ସର୍ଜୁ ପ୍ରସାଦ ବନାମ ବିହାର ରାଜ୍ୟ,* AIR (1965) SC 843 ରେ ଏହା ଦର୍ଶାଯାଇଥିଲା ଯେ ଅଭିଯୁକ୍ତଙ୍କ ଦ୍ୱାରା ପ୍ରକୃତରେ ଦିଆଯାଇଥିବା ଆଘାତ ପୀଡିତାଙ୍କ କୌଣସି ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ କ୍ଷତାକ୍ତ କରି ନଥିଲା, କେବଳ ଏହି କାର୍ଯ୍ୟକୁ ଧାରା 307 IPC ର ପରିସରରୁ ବାହାର କରିବା ପାଇଁ ଯଥେଷ୍ଟ ନୁହେଁ ।

ଉପରୋକ୍ତ ସ୍ଥିତି *ମହାରାଷ୍ଟ୍ର ରାଜ୍ୟ ବନାମ ବଳରାମ ବାମା ପାଟିଲ ଏବଂ ଅନ୍ୟମାନେ,* [1983] 2 SCC 28, *ଗିରିଜା ଶଙ୍କର ବନାମ ୟୁ.ପି. ରାଜ୍ୟ,* JT (2004) 2 SC 140 ଏବଂ *ବସନ୍ତ ବିଠୁ ଯାଦବ ବନାମ ମହାରାଷ୍ଟ୍ର ରାଜ୍ୟ,* (2004) AIR SCW 1523; *ବାପ୍ପା @ ବାପୁ ବନାମ ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟଜଣେ,* [2004] 6 SCC 485 ରେ ଆଲୋକପାତ କରାଯାଇଥିଲା । ପ୍ରଦାନ କରାଯାଇଥିବା ଦଣ୍ଡାଦେଶ ଠିକ୍ ଅଛି ।

ଆରୋପିତ ହାଜତ ଦଣ୍ଡ ବିଷୟରେ କହିବାକୁ ଗଲେ, ଅଭିଯୁକ୍ତଙ୍କ ଦ୍ୱାରା ପୀଡିତାଙ୍କ ଉପରେ ହୋଇଥିବା ଆଘାତର ପ୍ରକୃତିକୁ ବିଚାରକୁ ନେଇ କାରାଦଣ୍ଡକୁ କୌଣସି ପ୍ରକାରେ କଠୋର ବୋଲି କୁହାଯାଇପାରିବ ନାହିଁ । ତେବେ, ଜୋରିମାନା ଅଧିକ ଥିବା ଜଣାପଡୁଛି । ଏହାକୁ 15,000/- ଟଙ୍କାକୁ ହ୍ରାସ କରାଯାଇଛି ଏବଂ ଏହା 6 ମାସର ଅବଧି ମଧ୍ୟରେ ପଇଠ କରାଯିବ । ଯଦି ଏହା ପ୍ରଦାନ କରାଯାଇନଥାଏ, ତେବେ ଖିଲାପ ହାଜତ ଦଣ୍ଡ ଦେଢ଼ ବର୍ଷ କାରାଦଣ୍ଡ ହେବ । ଯଦି ଦେୟ ପ୍ରଦାନ କରାଯାଏ, ତେବେ ପୀଡ଼ିତଙ୍କୁ 10,000/- ଟଙ୍କାର ଏକ ରାଶି ପ୍ରଦାନ କରାଯିବ ।

ତଦନୁଯାୟୀ ଆବେଦନଟିର ଫଇସଲା କରାଯାଇଛି ।

ଏସ୍.କେ.ଏସ୍. ଅପିଲ ଫଇସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର:*

ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।